# Akashvani, Sambalpur

# SAMBALPURI NEWS BULLETIN

## 27 March 2025- 6.47- 6.52 am.

**********************************************

ସାଧାରଣ୍ ପ୍ରଶାସନ, ସାଧାରଣ୍ ଅଭିଯୋଗ୍ ବିଭାଗ୍ ଖର୍ଚ୍ଚ ଦାବି

I&PR

ବିଧାନ୍‌ସଭା ନ ଗଲାକାଏଲ୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍‌ର ୭ ଶହ ୭ କୋଟି ୪ ଲାଖ୍ ୮୯ ହଜାର୍ ଟଙ୍କା ଖର୍ଚ୍ଚା ଦାବି ମଞ୍ଜୁର୍ ହେଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବିଭାଗ୍‌ର ଖର୍ଚ୍ଚା ଦାବି ଉପସ୍ଥାପନ୍ କର୍‌ବାର୍ ଉତ୍‌ରୁ ଆଲୋଚନା ହେବାର୍ ସହେତେ ପାରିତ୍ ହେଇଥିଲା ।

ମୁଖ୍ୟମନ୍ତ୍ରୀ-ଗୃହବିଭାଗ୍‌ର ଖର୍ଚ୍ଚା ଦାବି I&PR

ରାଏଜେ ଗଲାବଛର୍‌ଠାନୁ ଇ ବଛର୍ ଅପରାଧ୍ ସଂଖ୍ୟା ବହୁତ୍‌ଟେ କମିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନ୍‌ସଭା ନ ଗଲାକାଏଲ୍ ଗୃହବିଭାଗ୍‌ର ଖର୍ଚ୍ଚା ଦାବି

ଆଲୋଚନା ବେଳକେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ଗଲାବଛରଠାନୁ ଇ ବଛର୍ ହତ୍ୟା ମାମ୍‌ଲା ୭ ଦଶ୍‌ମିକ୍ ୪ ପ୍ରତିଶତ୍, ନାବାଳିକା ବଳାତ୍କାର୍ ମାମ୍‌ଲା ୪ ଦଶ୍‌ମିକ୍ ୭ ପ୍ରତିଶତ୍, ବଳାତ୍କାର୍ ମାମ୍‌ଲା ୩ ଦଶ୍‌ମିକ୍ ୯ ପ୍ରତିଶତ୍, ଯୌନ ନିର୍ଯ୍ୟାତନା ମାମ୍‌ଲା ୧୩ ଦଶ୍‌ମିକ୍ ୫ ପ୍ରତିଶତ୍, ଅସଦାଚରଣ୍ ମାମ୍‌ଲା ୩ ଦଶ୍‌ମିକ୍ ୯ ପ୍ରତିଶତ୍, ମହିଲା ଚାଲାଣ୍ ୨୯ ଦଶ୍‌ମିକ୍ ୪ ପ୍ରତିଶତ୍ କମିଛେ । ମହିଲା ଆଉ ଶିଶୁ ସୁରକ୍ଷା ଲାଗି ଶହେ ଟା ସମ୍ବେଦନ୍‌ଶୀଲ୍ ଥାନା ନ ସିସିଟିଭି ବ୍ୟବସ୍ଥା କରାଯାଇଛେ । ଶିଶୁ ଅନୁକୂଳ ଥାନା ଥାପ୍‌ନା କର୍‌ବାର୍ ସହେତେ ସୁଭଦ୍ରା ସୁରକ୍ଷା ଯୋଜ୍‌ନାଥି ଆଏବା ଆର୍ଥିକ୍ ବଛର୍ ଲାଗି ଶହେ ୫୨ ଦଶ୍‌ମିକ୍ ୬ କୋଟି ଟଙ୍କା ବ୍ୟୟ ବରାଦ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଏମର୍‌ଜେନ୍ସି ବନ୍ଦୀ-ଭତା I&PR

ସେନ୍ତା ୧୯୭୫ ମସିହା ଜରୁରୀ ପରିସ୍ଥିତି ବେଲ୍‌କେ ଗିରଫ୍ ହେଇଥିବା ବନ୍ଦୀମାନ୍‌କୁ ଦିଆଯାଉଥିବା ମାସିକ୍ ଭତା ବାବ୍‌ଦେ ବିବୃତି ରଖିକରି ମୁଖ୍ୟମନ୍ତ୍ରୀ କହିଛନ୍, ଇ ବଛର୍ ଜାନୁଆରୀ ୧ ଠାନୁ ୨୧ ଜନ୍ ଏମର୍‌ଜେନ୍ସି ବନ୍ଦୀଙ୍କୁ ୨୦ ହଜାର୍ ଟଙ୍କା ଲେଖା

ମାସିକ୍ ଭତା ଦିଆଯିବା । ଇ ବାବ୍‌ଦେ ରାଜ୍ୟସ୍ତରୀୟ କମିଟି ସୁପାରିଶ୍‌କେ ସର୍‌କାର୍ ଅନୁମୋଦନ୍ କରିଛନ୍ । ଜରୁରୀ ପରିସ୍ଥିତି ବେଲ୍‌କେ ମିଶା, ଡି.ଆଇ.ଆର୍. , ଡି.ଆଇ.ଏସ୍.ଆଇ.ଆର୍ ଆଇନ୍ ବଲେ ଗିରଫ୍ ହେଇଥିବା ବନ୍ଦୀମାନ୍‌କୁ ସର୍‌କାର୍ ଭତା ଦେବାର୍ ଲାଗି ଗଲା ସ୍ୱାଧୀନତା ଦିବସ୍ ବେଲ୍‌କେ ଘୋଷ୍‌ନା କରିଥିଲେ । ସେ ହିସାବେ ଆବେଦନ୍ ଆହ୍ୱାନ୍ କରାଯାଇଥିଲା । ଆବେଦନ୍‌ମାନ୍‌କର୍ ଯାଂଚ୍ କଲା ଉତ୍‌ରୁ ୨୧ ଝନ୍ ଭତା ଦେବାର୍‌କେ ଧାରିଜ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ୍- ଓଡ଼ିଶା ଆର୍‌ଏନ୍‌ୟୁ/ ସମ୍ବଲପୁର

ଯକ୍ଷ୍ମା ମୁକ୍ତ ଭାରତ୍ ଅଭିଯାନ୍‌ଥି ଉତମ୍ ପ୍ରଦର୍ଶନ୍ ଲାଗି ଓଡ଼ିଶା ଜାତୀୟ ସ୍ତର୍ ନ ପୁରସ୍କୃତ୍ ହେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ଯୋଜ୍‌ନାଥି ଚାଲୁଥିବା ଶହେ ଦିନିଆ ନିକ୍ଷୟ ପୋଷଣ୍ ଯୋଜ୍‌ନାଥି ରାଜ୍ୟ ସଫଲତାର୍ ସହେତେ କାମ୍ କରିଛେ । ବିଶ୍ୱ ଯକ୍ଷ୍ମା ଦିବସ୍ ଅବ୍‌ସରେ ଆୟୋଜିତ୍ ହେଇଥିବା ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ୍ ନଡ୍ଡା ଓଡ଼ିଶା

ସ୍ୱାସ୍ଥ୍ୟ ବିଭାଗ୍‌କେ ପୁରସ୍କୃତ୍ କରିଛନ୍ । ଇ ଅବ୍‌ସରେ ସ୍ୱାସ୍ଥ୍ୟ ବିଭାଗ୍ ସଚିବ ଅଶ୍ୱଥ୍ ଏସ୍.ଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ ।

## ଦାବିଦାର୍ ନାଇଁଥିବା ବେଙ୍କ୍ ଖାତା ଆର୍‌ଏନ୍‌ୟୁ/ କଟକ୍

ଦେଶେ ଭିନ୍ ଭିନ୍ ବେଙ୍କ୍ ନ ଦାବିଦାର୍ ନାଇଁଥିବା ୭୮ ହଜାର୍ ୨ ଶହ ୧୩ କୋଟି ଟଙ୍କା ଜମା ରହିଛେ । ଦାବିହୀନ୍ ଜମା ଆଉ ଅଚଲ୍ ବେଙ୍କ୍ ଖାତାକେ ନେଇକରି ଭାରତୀୟ ରିଜର୍ଭ ବେଙ୍କ୍-ଆର୍‌ବିଆଇର ନୂଆଁ ନିୟମ୍‌କେ ବେଙ୍କ୍‌ମାନ୍ ଆଏବା ମାସ ପହେଲାନୁ ମୁଲ୍ କର୍‌ବାର୍‌କେ ଯାଉଛନ୍ । ଆର୍‌ବିଆଇର ନିର୍ଦ୍ଦେଶାବଲୀ ଅନ୍‌ସାରେ ବେଙ୍କ୍‌ମାନେ ସେମାନ୍‌କର୍ ୱେବ୍‌ସାଇଟ୍‌ଥି ଦାବିହୀନ ଜମା ବିବରଣୀ ଦେବେ । ଇତାର୍‌ସହେତେ ଗ୍ରାହକ୍‌ମାନେ ଆର୍‌ବିଆଇର ୟୁ ଡି ଜି ଏ ଏମ୍ ପୋର୍ଟାଲ୍‌ଥି ଦାବିହୀନ ଜମା ବାବ୍‌ଦେ ଭିଲ୍ ସୂଚ୍‌ନା ପାଇପାର୍‌ବେ ।

## କ୍ଷେପଣାସ୍ତ୍ର ପରୀକ୍ଷଣ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରତିରକ୍ଷା ବିଭାଗ୍ ତର୍‌ଫୁ ଗଲାକାଏଲ୍ ପୁର୍‌ଥିନୁ ଆକାଶ୍‌କେ ଲକ୍ଷ୍ୟଭେଦ କରିପାରୁଥିବା ସ୍ୱଳ୍ପ ଦୂରଗାମୀ ଲକ୍ଷ୍ୟଭେଦୀ କ୍ଷେପଣାସ୍ତ୍ର- ଭି ଏଲ୍- ଏସ୍ ଆର୍- ଏସ୍ ଏ ଏମ୍ ର ସଫଲ୍ ପରୀକ୍ଷଣ୍ କରାଯାଇଛେ । ପ୍ରତିରକ୍ଷା ଅନୁସନ୍ଧାନ୍ ଆଉ ବିକାଶ୍ ସଂଗଠନ୍- ଡି ଆର୍ ଡି ଓ ତର୍‌ଫୁ ବାଲେଶ୍ୱର୍ ଜିଲ୍ଲା ଚାନ୍ଦିପୁର୍‌ର ଆଇ ଟି ଆର୍ ୩ ନମ୍ବର୍ ଲଂଚ୍ କମ୍ପ୍ଲେକ୍ସ୍‌ନୁ ମଏଧାନର୍ ୧୨ ବଜେ ଇ ପରୀକ୍ଷଣ୍ କରାଯାଇଥିଲା । ସ୍ୱଦେଶୀ ଜ୍ଞାନ୍ କୌଶଲ୍‌ଥି ବନା ହେଇଥିବା ଇ କ୍ଷେପଣାସ୍ତ୍ରଥି ନୌସେନା ଶତ୍ରୁପକ୍ଷର୍ ଯୁଦ୍ଧ ବିମାନ୍ ଆର୍ ଡ୍ରୋନ୍‌କେ ଧ୍ୱଂସ୍ କର୍‌ବାର୍ କ୍ଷମତା ରହିଛେ ।

ବିଶ୍ୱ ନାଟ୍ୟ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ନାଟ୍ୟ ଦିବସ୍ । ଆନ୍ତର୍ଜାତୀୟ ଥିଏଟର୍ ପ୍ରତିଷ୍ଠାନ୍ ତର୍‌ଫୁ ୧୯୬୧ ମସିହାନୁ ଆଜିର୍ ଦିନ୍‌କେ ବିଶ୍ୱ ନାଟ୍ୟ ଦିବସ୍ ଭାବେ ପାଲନ୍ କର୍‌ବାର୍‌କେ ଥିର୍ କରାଯାଇଥିଲା । ନାଟକ୍‌ର ମୂଲ୍ୟ ଆଉ ଗୁରୁତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଇଆସୁଛେ । ଶାନ୍ତି ଆଉ ସଂସ୍କୃତି ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ବାର୍ତା ନେଇକରି ବିଶ୍ୱ ନାଟ୍ୟ ଦିବସ୍ ପାଲନ୍ କରାଯାଉଛେ ।

## ଦୁର୍ଘଟଣା- ୩ ମୃତ          ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ - ସମ୍ବଲ୍‌ପୁର୍ ରାସ୍ତାର୍ ମାଟୁପାଲି ଛକେ ଗୁଟେ ସଡ଼କ୍ ଦୁର୍ଘଟଣାଥି ୩ ଝନ୍ ବିଦ୍ୟୁତ୍ କର୍ମଚାରୀଙ୍କର୍ ଜୀବନ୍ ଯାଇଛେ । ସୁବର୍ଣ୍ଣପୁର୍ ଆଡୁ ଆସୁଥିବା ହାଇୱା ଟ୍ରକ୍ ଗୁଟେ ବୋଲେରୋ ଗାଡ଼ିକେ ଧକ୍କା ଦେବାର୍‌ନୁ ଦୁର୍ଘଟଣା ଘଟିଛେ । ଦୁର୍ଘଟଣା ଘଟେଇଥିବାର୍ ଡାଇୱାର୍ ଡ୍ରାଇଭର୍ ଆର୍ ହେଲ୍‌ପର୍‌ଙ୍କୁ ଗୁରୁତର୍ ଅବସ୍ଥାଥି ସୁବର୍ଣ୍ଣପୁର୍ ଜିଲ୍ଲା ଡାକ୍ତର୍‌ଖାନା ନ ଭର୍ତି କରାଯାଇଛେ । ଦୁର୍ଘଟଣା ଜାଗା ନ ଉଲୁଣ୍ଡା ଥାନା ପୁଲିସ୍ ଆର୍ ଅଗ୍ନିଶମ ବିଭାଗ୍ ପୁହୁଁଚିକରି ମଲା ଦିହିମାନ୍‌କୁ ଜବତ୍ କରିଛେ ।

## ସି.ଆର୍.ପି. ସଂଘର୍ ବୈଠକ୍          ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଯୋଗେନ୍‌ପଦର୍ ଠାନେ ସି.ଆର୍.ପି. ସଂଘର୍ ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ସଂଘର୍ ୧୦ ଝନିଆ କାର୍ଯ୍ୟକାରୀ କମିଟି ଗଠନ୍ କରାଯିବାର୍ ସହେତେ ଜିଲ୍ଲାସଂଘର୍ ସଭାନେତ୍ରୀ, ସମ୍ପାଦିକା ସହେତେ ପଦ୍‌ବୀ ଲାଗି ମନୋନୟନ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନର୍ ତାତି ବଢ଼୍‌ବାର୍‌କେ ଲାଗିଛେ । ଧୁକାଗର୍ଡ଼ି ଆର୍ ବର୍ଷା ଲାଗି କିଛି ଦିନ୍ ହେଲା ତାତି କମିଥିଲା ବେଲ୍‌କେ ଗଲା ୨ ଦିନ୍ ଭିତ୍‌ରେ ରାଜ୍ୟର୍ ବଡ଼ଭାଗୀ ଜାଗା ନ ତାତି ୨ ନୁ ୩ ଡିଗ୍ରୀତକ୍ ବଢ଼ିଛେ । ଆଏବା ୨ ଦିନ୍ ଭିତ୍‌ରେ ତାତି ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ ।

ଗଲାକାଏଲ୍ ରାଜ୍ୟର୍ ବୌଦ୍ଧ ନ ସବୁନୁ ଜହ ତାତି ୩୯ ଦଶ୍‌ମିକ୍ ୮ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ରାଜ୍ୟର୍ ୧୦ ସହରର୍ ତାପମାତ୍ରା ୩୮ ଡିଗ୍ରୀ ନୁ ଜହ ରହିଛେ ।